## ସଂକ୍ଷେପରେ

### ଦୁର୍ଘଟଣାରେ ଠିକା କର୍ମଚାରୀ ମୃତ

**ଢେଙ୍କାନାଳ ଅଫିସ, ୨୭।୧:** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ଚିନ୍ତାପୋଖରୀ ଛକଠାରେ ଶୁକ୍ରବାର ଭୋର୍ ସମୟରେ ଏକ ଗାଡ଼ି ଧକ୍କାରେ ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତୁଷାର କୁମାର ଦାସ। ହିନ୍ଦୋଳ ବ୍ଲକ ବାଲିମୀ ଥାନା ଝାଡ଼ବନ୍ଧସ୍ଥିତ ରୁଙ୍ଗଟା ଷ୍ଟିଲ୍ କମ୍ପାନୀରେ ନିୟୋଜିତ ଜାଗୁଲେଇ କନ୍‌ଷ୍ଟ୍ରକ୍ସନ୍ ଠିକାସଂସ୍ଥାରେ ତୁଷାର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ସେ ରାତ୍ରି ଡ୍ୟୁଟି ସାରି କୌଣସି କାର୍ଯ୍ୟରେ ବାଇକ୍‌ରେ ଢେଙ୍କାନାଳ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ମୋଟଙ୍ଗା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

### ଡିଜେ ଗାଡ଼ି ଜବତ



**ଢେଙ୍କାନାଳ ଅଫିସ, ୨୭।୧:** ଢେଙ୍କାନାଳ ଦୁର୍ଗାବଜାର ଛକଠାରେ ଶୁକ୍ରବାର ଅପରାହ୍ନ ୨ଟାରେ ଡିଜେ ଲାଗିଥିବା ଏକ ମିନି ପିକ୍‌ଅପ୍ ଭ୍ୟାନକୁ ଟାଉନ ଥାନା ପୋଲିସ ଜବତ କରିଛି। ଡିଜେ ମାଲିକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଡିଜେଟି ମାତ୍ରାଧିକ ଶବ୍ଦ ପ୍ରଦୂଷଣ କରୁଥିବା ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ଏସ୍‌ପିଙ୍କ ଅଧ୍ୟକ୍ଷତାରେ ଡିଜେ ମାଲିକ, ବ୍ୟାଣ୍ଡପାର୍ଟି ମାଲିକଙ୍କୁ ନେଇ ଏକ ବୈଠକ ବସିଥିଲା। ଉଚ୍ଚ ଶବ୍ଦରେ ଡିଜେ ବଜାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

### ପାରମ୍ପରିକ ତେଲ ବ୍ୟବହାରକୁ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୨୭।୧** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଶାଖାର ୨୭ତମ ଇ-ପାଠଚକ୍ର ଜିଲା ଶାଖା ସଭାପତି ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। 'ଆମ ଐତିହ୍ୟ ଆମ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ କିମ୍ସର ଡାକ୍ତର ବିଦ୍ୟୁତ୍ ପ୍ରଜ୍ଞା ଆଚାର୍ଯ୍ୟ ଯୋଗଦେଇ କହିଲେ, ପାରମ୍ପରିକ ସୋରିଷ ତେଲ, ଜଡ଼ା ତେଲ, ନଡ଼ିଆ ତେଲ, ରାଶି ତେଲ ବ୍ୟବହାର କମିଗଲାଣି। ପାମ୍‌ତେଲ, ସୂର୍ଯ୍ୟମୁଖୀ ତେଲର ବହୁଳ ବ୍ୟବହାର ମାରାତ୍ମକ ରୋଗର କାରଣ ପାଲଟୁଛି। ତେଣୁ ପାରମ୍ପରିକ ତେଲ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ଦେଶୀ ଗୁଆଘିଅ ଶରୀର ପାଇଁ ଉପଯୋଗୀ ବୋଲି ସଭାପତି ପାଣି କହିଥିଲେ। ରାଜ୍ୟ ବିଚାରଧାରା ମୁଖ୍ୟ ଶଙ୍କର୍ଷଣ ଶତପଥୀ, ଡ. ସୁସନ୍ଧ୍ୟା ମହାନ୍ତି, ଝୁନୁବାଳା ମିଶ୍ର, କୃପାସିନ୍ଧୁ ମିଶ୍ର, ନଳିନୀପ୍ରଭା ଦାସ, ଯୁଗ୍ମ ସମ୍ପାଦକ ସଦାନନ୍ଦ ରାଉତ, ସମ୍ପର୍କ ସେତୁ ପ୍ରମୁଖ ଜିତେନ୍ଦ୍ର ପରିଡ଼ା, ନିରଞ୍ଜନ ସାହୁ, ବିନୟ ସାମଲ, ରଶ୍ମିତା ରାଉତ, ଶିକ୍ଷୟିତ୍ରୀ ଯାମିନୀ ହୋତା, ପଣ୍ଡିତ ବିପିନ ବିହାରୀ ଶତପଥୀ, ବୈକୁଣ୍ଠ ବିହାରୀ ସ୍ୱାଇଁ, ଉପସଭାପତି ଅଧ୍ୟାପକ ଦେବାରାଜ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**କାମାକ୍ଷାନଗର, ୨୭।୧(ଡି.ଏନ.ଏ.):** କଙ୍କଡାହାଡ଼ ବ୍ଲକ ଦଶୀପୁର ଗ୍ରାମର ଧର୍ମପ୍ରାଣା ମହିଳା ଝୁନ୍ତୁରି ଦେହୁରୀ (୮୪)ଙ୍କ ଶୁକ୍ରବାର ସକାଳ ସାଢ଼େ ୬ଟାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗ୍ରାମର ଆଧ୍ୟାତ୍ମିକ କାର୍ଯ୍ୟ ଏବଂ ବିକାଶମୂଳକ କାର୍ଯ୍ୟରେ ତାଙ୍କର ଅବଦାନ ଥିଲା। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ସମୟରେ ତାଙ୍କ ନିକଟରେ ବଡ଼ପୁଅ ତଥା ଗଣମାଧ୍ୟମ ପ୍ରତିନିଧି ଦିବ୍ୟସିଂହ ଦେହୁରୀ, ସାନପୁଅ ବରୁଣ ରଞ୍ଜନ ଦେହୁରୀ, ବଡ଼ନାତି ରାଜେଶ ଦେହୁରୀ, ସାନନାତି ରାକେଶ ଦେହୁରୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



# 'ସଂସ୍କୃତି, ସଂଗ୍ରାମର ମାଟି ଢେଙ୍କାନାଳ'



କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



ସୁପ୍ରତିଷ୍ଠିତ ହକି କୋଚ୍ ଗିରିଧାରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୭।୧**

- ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ
- ଆରମ୍ଭ ହେଲା ମିନି ପଲ୍ଲିଶ୍ରୀ ମେଳା

ଢେଙ୍କାନାଳ ହେଉଛି ସଂସ୍କୃତି ଓ ସଂଗ୍ରାମର ମାଟି। ଏଠି ଶବର ରାଜା ଢେଙ୍କା ମରହଟ୍ଟାଙ୍କ ବିରୋଧରେ ଲଢ଼ିବାର କାହାଣୀ ରହିଛି। ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ସମେତ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଅତୁଳନୀୟ। ଢେଙ୍କାନାଳ ଜିଲା ସମଗ୍ର ବିଶ୍ୱକୁ ପ୍ରଦାନ କରିଛି ମହିମାଧର୍ମ। ଶିକ୍ଷା, ଶାସନ, ରାଜନୀତି ଆଦି କ୍ଷେତ୍ରରେ ଢେଙ୍କାନାଳ ସବୁବେଳେ ମଙ୍ଗୁଆଳ ଭାବେ କାର୍ଯ୍ୟ କରିଆସିଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ। ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ମିନି ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ମହୋତ୍ସବ-୨୦୨୩ର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଓଲିଉଡ୍ ଅଭିନେତ୍ରୀ ଶୀତଲ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ରୀଡ଼ା, ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟନାରାୟଣ କର ଓ ସୁଶାନ୍ତ ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିପୂର୍ବରୁ ମଧ୍ୟାହ୍ନରେ ବାଜିଚୌକସ୍ଥିତ ମା' ବ୍ରହ୍ମାୟଣୀ ଦେବୀଙ୍କ ପୀଠରୁ ସାଂସ୍କୃତିକ ଦଳକୁ ନେଇ ସାଂସ୍କୃତିକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା।

ହକି ବିଶ୍ୱକପ୍ ଉପଲକ୍ଷେ ଆସନ୍ତା ୨୯ ତାରିଖ ଯାଏ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପଲ୍ଲିଶ୍ରୀ ମେଳାରେ ୫୪ ଷ୍ଟଲ୍ ଖୋଲିଛି। ଏଠାରେ ଏସ୍‌ଏଚ୍‌ଜି ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରିବଟା ହେଉଛି। ସୁସ୍ୱାଦୁ ଖାଦ୍ୟ ପ୍ରମୁଖ ଆକର୍ଷଣ ସାଜିଛି। ସେହିପରି ସାଂସ୍କୃତିକ ମହୋତ୍ସବରେ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, କଳାକାର ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ତେବେ ଉଦ୍‌ଘାଟନୀ ଦିବସର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟଠାରୁ ୩ ଘଣ୍ଟା ବିଳମ୍ବରେ ଆରମ୍ଭ ହେବାରୁ ଅସନ୍ତୋଷ ଦେଖାଦେଇଥିଲା।

## ଲଣ୍ଡାବୀର କ୍ରିକେଟ୍: ପରଜଙ୍ଗ ଚାମ୍ପିୟନ

**ପରଜଙ୍ଗ, ୨୭।୧(ଡି.ଏନ୍.ଏ.)**




ଚାମ୍ପିୟନ ଟିମ୍‌କୁ ମୁଖ୍ୟ ଅତିଥି ଟ୍ରଫି ଦେଉଛନ୍ତି।

ପରଜଙ୍ଗ ବ୍ଲକ ରୋଡ୍ ପଞ୍ଚାୟତର ଗଇଲୋ ଗ୍ରାମ ଖେଳପଡ଼ିଆରେ ଲଣ୍ଡାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ତାଳଚେର ଦେଉଳବେଡ଼ାକୁ ହରାଇ ପରଜଙ୍ଗ ଚାମ୍ପିୟନ ହୋଇଛି। ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦେଉଳବେଡ଼ା ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୦୩ ରନ୍ ସଂଗ୍ରହ କରିଥିଲା। ଜବାବରେ ପରଜଙ୍ଗ ମାତ୍ର ୯ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଡ୍ ସରପଞ୍ଚ ବିଶ୍ୱଜିତ୍ ନାୟକ, ସମ୍ମାନିତ ଅତିଥି ସମିତି ସଭ୍ୟ ନିର୍ମଳ ବାରିକ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଲଣ୍ଡାବୀର କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କିଡ୍‌ନୀ ରୋଗୀଙ୍କୁ ସହାୟତା



ଜିଲାପାଳ ସହାୟତା ବାବଦ ଚେକ୍ ପ୍ରଦାନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୭।୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଓସ୍ତପାଳ ଗ୍ରାମର ଗୋବିନ୍ଦ ସାହୁଙ୍କ ଝିଅ ପ୍ରିୟଦର୍ଶିନୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା ପାଇଁ ସହାୟତା କରିବା ଲାଗି ସେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ ରେଡ୍‌କ୍ରସ୍ ପାଣ୍ଠିରୁ ତାଙ୍କୁ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଉକ୍ତ ଅର୍ଥ ପ୍ରିୟଦର୍ଶିନୀଙ୍କ ଚିକିତ୍ସାରେ ସହାୟକ ହେବ। ଏହାକୁ ନେଇ ତାଙ୍କ ବାପା ଖୁସିବ୍ୟକ୍ତ କରିଛନ୍ତି।

## ସରସ୍ୱତୀ ମୂର୍ତ୍ତି ଭାଙ୍ଗିଦେଲେ ଦୁଇ ଭଉଣୀ

**କାମାକ୍ଷାନଗର, ୨୭।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ୨ନଂ. ପୁନର୍ବସତି କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। କଲୋନୀରେ ରହୁଥିବା ଏକ ପରିବାରର ଦୁଇ ଭଉଣୀ ସ୍କୁଲ ହତାରେ ପଶି ଉତ୍ପାତ ସୃଷ୍ଟି କରିବା ସହ ମା' ସରସ୍ୱତୀଙ୍କ ମୂର୍ତ୍ତି ଭାଙ୍ଗି ଦେଇଛନ୍ତି। ସୂଚନା ପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ଆଣି ପଚରାଉଚରା କରି ଛାଡ଼ିଦେଇଛି। ଅନ୍ୟପଟେ ସ୍କୁଲ କର୍ତ୍ତୃପକ୍ଷ ପୁନର୍ବାର ଏକ ନୂଆ ମୂର୍ତ୍ତି ଆଣି ପୂଜା କରିଥିଲେ। ଏହି ଘଟଣା ଆଲୋଚନାର ବିଷୟ ହୋଇଛି। ଗ୍ରାମବାସୀଙ୍କ କହିବା କଥା, ପୈତୃକ ଜାଗାରେ ଉକ୍ତ ସ୍କୁଲ ନିର୍ମାଣ ହୋଇଥିବା ସମ୍ପୃକ୍ତ ୨ ଭଉଣୀ ଅଭିଯୋଗ କରି ଆସୁଛନ୍ତି। ସେମାନେ ବିଭିନ୍ନ ସମୟରେ ସ୍କୁଲ ହତାରେ ପଶି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଗତ ୨୧ ତାରିଖରେ ସ୍କୁଲ ଚାଲିଥିବାବେଳେ ସେମାନେ ଶ୍ରେଣୀଗୃହରେ ଭଙ୍ଗାରୁଜା କରିଥିଲେ। କାନ୍ଥ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଥାନାକୁ ନେଇ ବୁଝାଶୁଝା କରିବା ପରେ ଛାଡ଼ି ଦେଇଥିଲା। ପୁନର୍ବାର ସରସ୍ୱତୀ ପୂଜାରେ ସେମାନଙ୍କ ଏଭଳି ଆତଙ୍କରାଜ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଶିକ୍ଷା ବିଭାଗ ଏବଂ ତହସିଲ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏହାର ସ୍ଥାୟୀ ସମାଧାନ କରିବା ଲାଗି ଅଭିଭାବକ, ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦାବି କରାଯାଇଛି।

## ଅନୁଦାନଭୁକ୍ତ କରିବାକୁ ଦାବି




ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସଂଘର ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୨୭।୧**

ଢେଙ୍କାନାଳ ଜିଲାର ବିଭିନ୍ନ ବେସରକାରୀ କଲେଜର ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନଭୁକ୍ତ କରିବାକୁ ଦାବି କରାଯାଇଛି। ଏ ନେଇ ସଂଘ ଶାଖା ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ଅଭିଯୋଗ ଅନୁଯାୟୀ, ୨୦୦୬ ଜୁନ୍ ୧ରୁ ୨୦୧୩ ନଭେମ୍ବର ୩୦ ମଧ୍ୟରେ ରାଜ୍ୟରେ ଖୋଲିଥିବା ଅଣଅନୁଦାନପ୍ରାପ୍ତ କଲେଜ ଏବଂ ଏହି ଅବଧି ମଧ୍ୟରେ ଉକ୍ତ କଲେଜରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ତାଲିକା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୨୨ ନଭେମ୍ବର ୨୩ରେ ମଗାଯାଇଥିଲା । ତେବେ ସମୟସୀମାକୁ ୨୦୧୩ ବଦଳରେ ୨୦୨୩ ଯାଏ ବର୍ଦ୍ଧିତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଫଳରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ଅଧ୍ୟାପକ ଓ କର୍ମଚାରୀ ଏହାଦ୍ୱାରା ଉପକୃତ ହେବେ। ସେହିପରି କାର୍ଯ୍ୟରତ କମ୍ପ୍ୟୁଟର ଅପରେଟର୍, ପ୍ରାକ୍ଟିକାଲ୍ ହଲ୍ ଆଟେଣ୍ଡାଣ୍ଟଙ୍କୁ ମଧ୍ୟ ଏଥିରେ ସାମିଲ କରିବାକୁ ସଂଘ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

ଦାବିପତ୍ର ପ୍ରଦାନ ବେଳେ ଜିଲା ସଂଯୋଜକ ପ୍ରଦୀପ ମାଝି, ହିନ୍ଦୋଳ ସଂଯୋଜକ ସତ୍ୟବ୍ରତ ପାଲ୍, ଭୁବନ ସଂଯୋଜକ ସୁଧାଂଶୁ ଶେଖର ଓଝା, କାମାକ୍ଷାନଗର ସଂଯୋଜକ ସତ୍ୟାନନ୍ଦ ସାହୁ, ପରଜଙ୍ଗ ସଂଯୋଜକ ସୁନୀଲ୍ କୁମାର ଦାସ, ସୁପର୍ଣ୍ଣା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମହିମାଗାଦି ବିବାଦର ସ୍ଥାୟୀ ସମାଧାନ ହେଉ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଞ୍ଚଳବାସୀ।

**ଢେଙ୍କାନାଳ ଅଫିସ, ୨୭।୧**

କୌପୀନଧାରୀ ମହିମା ସମାଜର ଉପାସନାସ୍ଥଳୀ ଉଚ୍ଛେଦ ପରେ ଯୋରନ୍ଦା ମହିମାଗାଦିରେ ସୃଷ୍ଟି ହୋଇଛି ଅପ୍ରୀତିକର ସ୍ଥିତି। ଏହାର ସ୍ଥାୟୀ ସମାଧାନ କରିବା ଲାଗି ଶୁକ୍ରବାର ଅଞ୍ଚଳବାସୀ, ମହିମା ଅନୁଗାମୀଙ୍କ ସମେତ ବହୁ ସାଧୁସନ୍ଥ ଦାବି କରିଛନ୍ତି। ଏ ନେଇ ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉପାସନାସ୍ଥଳୀ ଉଚ୍ଛେଦ ପରେ ଦୁଇ ମହିମା ସାଧୁ ଗୋଷ୍ଠୀ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଜିଲା ପ୍ରଶାସନ, ନିର୍ବାଚିତ ପ୍ରତିନିଧିଙ୍କ ବାରମ୍ବାର ଚେଷ୍ଟା ସତ୍ତ୍ୱେ ଏହାର ସମାଧାନ ହୋଇପାରୁନାହିଁ। ଫେବୃୟାରୀ ୪ରୁ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା ଆରମ୍ଭ ହେବ। ଏଥିରେ ବହୁ ଲକ୍ଷ ସାଧୁସନ୍ଥଙ୍କ ସମାଗମ ହେବ। ତେବେ ମହିମାଗାଦିରେ ଉପୁଜିଥିବା ସମସ୍ୟା ଯୋଗୁ ମେଳା ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ତୃତୀୟ ବେଢ଼ା ମଧ୍ୟରେ ଥିବା ବତୀ ମନ୍ଦିର, ଧୁନି ମନ୍ଦିର, ଭେକ ମନ୍ଦିର ଭାଙ୍ଗି ଦିଆଯାଇଥିବାରୁ କୌପୀନଧାରୀ ମହିମା ସମାଜ ସମସ୍ୟା ବଢ଼ିଛି। ଏହାର ଆଶୁ ସମାଧାନ କରିବା ଲାଗି ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

## ପୁଣି ଦଳ ବଦଳାଇଲେ ନବୀନ ନନ୍ଦ

**ଢେଙ୍କାନାଳ ଅଫିସ, ୨୭।୧**

ଢେଙ୍କାନାଳ ଜିଲାର ପୂର୍ବତନ ବିଧାୟକ ନବୀନ ନନ୍ଦ ପୁଣିଥରେ ଦଳ ବଦଳାଇଛନ୍ତି। ସେ ନିଜ ସମର୍ଥକଙ୍କ ସହ ଶୁକ୍ରବାର ହାଇଦ୍ରାବାଦର ତେଲଙ୍ଗାନା ଭବନଠାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରେ ଯୋଗ ଦେଇଛନ୍ତି। ଦଳୀୟ ମୁଖ୍ୟ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ରାଓଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି, ଚାଷୀଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିବା ଦଳ ହେଉଛି ବିଆର୍‌ଏସ୍। ଓଡ଼ିଶାରେ ବିଜେଡି, ଭାଜପା ମଧ୍ୟରେ ଭିତିରିଆ ସମ୍ପର୍କ ରହିଛି। ନିର୍ବାଚନ ଲଢ଼ିବା ପାଇଁ ଆମକୁ ଏକ ପ୍ଲାଟଫର୍ମ ଦରକାର। ତେଣୁ ସେ ବିଆର୍‌ଏସ୍‌ରେ ଯୋଗଦେଇଛନ୍ତି।

ସୂଚନାଯୋଗ୍ୟ, ନବୀନ ନନ୍ଦ ଗଁଦିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୦୦ରେ ବିଜେଡି ଟିକେଟରୁ ଲଢ଼ି ବିଜୟୀ ହୋଇଥିଲେ। ୨୦୦୯ରେ ଏନ୍‌ସିପିରେ ଯୋଗଦେଇ ଏନ୍‌ସିପି-ବିଜେଡି ମେଣ୍ଟରୁ ପାର୍ଥୀ ହୋଇ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଜିତିଥିଲେ। ନିଜ ରାଜନୈତିକ କ୍ୟାରିୟର ମଧ୍ୟରେ ସେ ଏକଦା କଂଗ୍ରେସ ଟିକେଟ୍‌ରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଏବେ ପୁଣିଥରେ ନବୀନଙ୍କ ଦଳ ପରିବର୍ତ୍ତନ ଚର୍ଚ୍ଚାର ବିଷୟ ହୋଇଛି।



ବିଆର୍‌ଏସ୍‌ରେ ମିଶିବା ଅବସରରେ ନବୀନ ନନ୍ଦ ଓ ଅନ୍ୟମାନେ।

## ରାଜ୍ୟରେ ବିକାଶ ଜାରି ରହିଛି: ମନ୍ତ୍ରୀ

### ୭୪ତମ ଗଣତନ୍ତ୍ର ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୨୭।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶ ଧାରା ଜାରି ରହିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଆଗରେ। ଏହାକୁ ବାଦ୍‌ଦେଲେ ୫-ଟିରେ ବିଦ୍ୟାଳୟ ରୂପାନ୍ତରୀକରଣ, ମହିଳା ସଶକ୍ତୀକରଣ, ଶିକ୍ଷା, ସ୍ୱାସ୍ଥ୍ୟକ୍ଷେତ୍ରରେ ଅଗ୍ରଗତି ହୋଇଛି। ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରି ଓଡ଼ିଶା ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ଢେଙ୍କାନାଳ ଷ୍ଟାଡିୟମରେ ଅନୁଷ୍ଠିତ ୭୪ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ନିଜ ଅଭିଭାଷଣରେ ଏହା କହିଛନ୍ତି। ଏହି ଅବସରରେ ସେ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। । ସମାରୋହରେ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।



ଢେଙ୍କାନାଳ କଲେଜ ମହିଳା ସିନିୟର ଏନ୍‌ସିସି ଦଳକୁ ସମ୍ମାନିତ କରାଯାଉଛି।

କରୋନା ପାଇଁ ୩ ବର୍ଷ ପରେ ଆୟୋଜିତ ଏହି ପରେଡ୍‌ରେ ୩୪ ଦଳ ଭାଗ ନେଇଥିଲେ। ଢେଙ୍କାନାଳ କଲେଜ ମହିଳା ସିନିୟର ଏନ୍‌ସିସି ଦଳ ପ୍ରଥମ, ଆନନ୍ଦମାର୍ଗ ଶିକ୍ଷା ନିକେତନ ଦ୍ୱିତୀୟ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଳିକା ଦଳକୁ ଶ୍ରେଷ୍ଠ ସ୍କାଉଟ୍ସ ଓ ଗାଇଡ୍ସ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ରଜର୍ଭ ଇନ୍ସପେକ୍ଟର କବି ରଞ୍ଜନ ସେଠୀ ପରେଡ ପରିଚାଳନା କରିଥିବାବେଳେ ଅବନୀ ମିଶ୍ର ଏହାର ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୁଷ୍ପ ପ୍ରଦର୍ଶନୀ ସହ ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶ୍ରମିକ ସଂଘରେ ଉଡ଼ିଲା ତ୍ରିରଙ୍ଗା

ବଣ୍ଟାଁରପାଳ, ୨୭।୧ (ଡି.ଏନ.ଏ.)- ଅନୁଗୋଳ ଜିଲା ନାଲ୍‌କୋର ବିଭିନ୍ନ ଶ୍ରମିକ ସଙ୍ଗଠନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ନେସ୍ କାର୍ଯ୍ୟାଳୟରେ କର୍ପୋରେଟ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ନିର୍ମଳ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନେପୁ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ବୈରାଗୀ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏମ୍‌ଏସ୍ କାର୍ଯ୍ୟାଳୟରେ ଉପଦେଷ୍ଟା ରମେଶ ଚନ୍ଦ୍ର ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ସଭାପତି ମୁନା ସାମଲ ଓ ସାଧାରଣ ସମ୍ପାଦକ ବିନୋଦ ସାମଲ ଉପସ୍ଥିତ ଥିଲେ। ଏନ୍‌ଏସ୍‌ୟୁ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ବିଭବ ଜେନା ପତାକା ଉତ୍ତୋଳନ କରିଥିଲେ। ଏସ୍.କେ. ମହାରଣା, ପ୍ରଣବ ଜେନା ଉପସ୍ଥିତ ଥିଲେ। ଏନ୍‌ଏନ୍‌ଇୟୁ କାର୍ଯ୍ୟାଳୟରେ ପ୍ରଫୁଲ୍ଲ ନାୟକ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ରତ୍ନାକର ପରିଡା ପରିଚାଳନା କରିଥିଲେ। ନାଲ୍‌କୋ ଟ୍ରକ ମାଲିକ ସଂଘରେ ସଭାପତି ମନୋରଞ୍ଜନ ଜେନା ପତାକା ଉତ୍ତୋଳନ କରିଥିଲେ। ଶ୍ୱେତବ୍ରତ ସ୍ୱାଇଁ, ବାବୁଲି ସ୍ୱାଇଁ, ତପନ ସାମନ୍ତ ସିଂ, ମୁକେଶ ଜେନା ଉପସ୍ଥିତ ଥିଲେ। ପେରିଫେରି ଟ୍ରକ୍ ମାଲିକ ସଂଘରେ ସଭାପତି ସୁବାସ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ନାରାୟଣ ସିଂ, ମୁକୁନ୍ଦ ନାଥ, କୁଳମଣି ବିଳାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍ଥିକ ଉତ୍ସ ସୃଷ୍ଟି କରିଛି ଅନୁଗୋଳ

### ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ଅନୁଗୋଳ ଅଫିସ, ୨୭।୧

ଅନୁଗୋଳ ଜିଲାସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ଷ୍ଟାଡିୟମଠାରେ ପାଳିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାହ୍ନ ୯ଟା ୧୫ରେ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଉଦ୍‌ବୋଧନରେ ଜିଲାପାଳ ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ, ନାରୀ ନେତ୍ରୀ ମାଳତୀ ଦେବୀ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ, କବି ରାଧାମୋହନ ଗଡ଼ନାୟକ ଓ ଅନୁଗୋଳର ରାଜା ସୋମନାଥ ସିଂହ ଜଗଦେବ ଓ ଅନ୍ୟ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଅଭିଭାଷଣରେ ଜିଲାପାଳ କହିଥିଲେ, ଅନୁଗୋଳ ଜିଲା ଓଡ଼ିଶାର ଆର୍ଥିକ ଉତ୍ସ ସୃଷ୍ଟି କରିବାରେ ସମର୍ଥ ହୋଇଛି। ଏଠାକାର ପ୍ରାକୃତିକ ସମ୍ପଦ, ମନୋରମ ପର୍ଯ୍ୟଟନସ୍ଥଳୀ, ସଂସ୍କୃତିର ମୌଳିକ ସ୍ୱାକ୍ଷର ଗ୍ରହଣ କରି ରାଜ୍ୟର ପ୍ରଥମ ଜିଲା ରୂପେ ପରିଗଣିତ ହେଉଛି। ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ, ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାର ସଫଳ ରୂପାୟନ ଅନୁଗୋଳ ଜିଲାରେ ହୋଇଛି। ସାମାଜିକ କଥା ଅର୍ଥନୈତିକ ନ୍ୟାୟକୁ ପ୍ରତିଷ୍ଠା କରୁଥିବା ଅନୁଷ୍ଠାନଗୁଡ଼ିକୁ ସମୃଦ୍ଧ କରିବାକୁ ପଡ଼ିବ। ଶୋଷଣ, କ୍ଷୁଧା ଓ ଅତ୍ୟାଚାରମୁକ୍ତ ସମାଜ ଗଠନ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ହେବାକୁ ପଡ଼ିବ। ଏ ଦିଗରେ ଶପଥ ନେବାକୁ ଜିଲାପାଳ ଜିଲାବାସୀଙ୍କୁ ଆହ୍ୱାନ ଦେଇଥିଲେ। ପରେଡ୍ ମାର୍ଚ୍ଚପାଷ୍ଟରେ ମୋଟ ୩୮ ଦଳ ଅଂଶଗ୍ରହଣ କରିଥିଲେ। ପରେ କୃତୀ ପ୍ରତିଯୋଗୀ, ପରେଡ୍‌ରେ କୃତିତ୍ୱ ହାସଲ କରିଥିବା ଦଳ, ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିଥିବା ଖେଳାଳି, ୨୦୨୨ର ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା, ଗଣେଶପୂଜାର ଶ୍ରେଷ୍ଠ ବିବେଚିତ ମେଢ଼କୁ ଜିଲାପାଳ ପୁରସ୍କାର ପ୍ରଦାନ କରିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର, ରୋଗୀଙ୍କୁ ଫଳ, ଜେଲ୍‌ରେ କଏଦୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ସହରରେ ରାମଧୁନ ଗାନ କରାଯାଇଥିଲା। ସନ୍ଧ୍ୟାରେ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଭାଘରଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ଶତପଥୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲାପାଳ ବଇତୁରା ଦୀପ, ଡେପୁଟି କଲେକ୍ଟର ଇଷାନି ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।


ଅନୁଗୋଳ ଷ୍ଟାଡିୟମରେ ପତାକା ଉତ୍ତୋଳନ ପରେ ମୁଖ୍ୟଅତିଥି ଜିଲାପାଳ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

## ଟ୍ରକ୍ ଧକ୍କାରେ ଭାଇ ମୃତ, ଭଉଣୀ ଗୁରୁତର

ବଣ୍ଟାଁରପାଳ, ୨୭।୧ (ଡି.ଏନ.ଏ.)

ସମ୍ପର୍କୀୟ ଭାଇଙ୍କ ମଙ୍ଗନ ଉତ୍ସବରୁ ଫେରୁଥିବା ବେଳେ ଏକ ଟ୍ରକ୍ ଧକ୍କାରେ ଭାଇଙ୍କ ମୃତ୍ୟୁ ହୋଇଛି। ତାଙ୍କ ସହ ସ୍କୁଟିରେ ଥିବା ଦାଦା ଝିଅ ଭଉଣୀ ଗୁରୁତର ହୋଇଛନ୍ତି। ଅନୁଗୋଳ ଜିଲା ବଣ୍ଟାଁରପାଳ ଥାନା ନିକଟରେ ଶୁକ୍ରବାର ଅପରାହ୍ନ ୪ଟାରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ବଉଳିଗଡ ଗ୍ରାମର ସୁଧାଂଶୁ ଶେଖର ସାହୁ (୨୦)। ଗୁରୁତର ହୋଇଥିବା ଭଉଣୀ ହେଲେ ମିକି ସାହୁ (୧୮)।

ସୂଚନା ଅନୁଯାୟୀ, ବଣ୍ଟାଁରପାଳ ବଉଳିଗଡ ଗ୍ରାମର ଅବନୀ ସାହୁଙ୍କ ଝିଅ ମିକି ଓ ଶ୍ରୀକାନ୍ତ ସାହୁଙ୍କ ପୁଅ ସୁଧାଂଶୁ ଶେଖର ଅପା ପୁଅ ଭାଇଙ୍କ ମଙ୍ଗନ ଉତ୍ସବରେ ଯୋଗଦେଇ ତାଳଚେରରୁ ଫେରୁଥିଲେ। ଉଭୟ ସ୍କୁଟି (ନଂ. ଓଡି୧୯ଭି- ୫୧୧୬)ରେ ବଣ୍ଟାଁରପାଳ ଥାନା ନିକଟରେ ହୋଇଥିବା ବେଳେ ତାଳଚେର ପାର୍ଶ୍ୱରୁ ଆସୁଥିବା କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି ୦୯କେ-୮୦୪୫) ସେମାନଙ୍କୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଡାକ୍ତର କଟକ ରେଫର କରିଥିଲେ। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୁଧାଂଶୁଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବଣ୍ଟାଁରପାଳ ଥାନା ଅଧିକାରୀ ନରେଶ ସାହୁ କହିଛନ୍ତି, ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ନଂ. ୪୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


ଦୁର୍ଘଟଣାସ୍ଥଳରେ ଲୋକଙ୍କ ଗହଳି।

## ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱ

ବଣ୍ଟାଁରପାଳ, ୨୭।୧ (ଡି.ଏନ.ଏ.)

ବଣ୍ଟାଁରପାଳ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିଜୟ ନାଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ଏଲିଜା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା ଯୋଗ ଦେଇଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, କୃଷି, ମହିଳା ଶିଶୁ ବିକାଶ, ଉନ୍ନୟନମୂଳକ କାର୍ଯ୍ୟ, ସାଧାରଣ ବଣ୍ଟନ ଆଦି ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ପରିଷଦ ସଦସ୍ୟ ଦିଲୀପ କୁମାର ପ୍ରଧାନ, ସୁଶୀଳା ନାୟକ, ଗୋପାଳ ନାୟକ, ୫୨ ଜଣ ସମିତି ସଭ୍ୟ ସରପଞ୍ଚ ଉପସ୍ଥିତ ଥିଲେ। ସରପଞ୍ଚମାନେ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଗୌତମ ନାୟକ, ଦିଲୀପ ବେହେରା, ଯୋଗାଣ ଅଧିକାରୀ ସତ୍ୟବ୍ରତ ସେଠି ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଜନ ପ୍ରତିନିଧିଙ୍କ ସହ ଅଧିକାରୀମାନେ ମଞ୍ଚାସୀନ ଅଛନ୍ତି।

## ଆପେ ଇଲେକ୍ଟ୍ରିକ ୩ ଚକିଆ ଯାନର ବଜାର ପ୍ରବେଶ


ଆପେ ଇଲେକ୍ଟ୍ରିକ ତିନି ଚକିଆ ଯାନର ବଜାର ପ୍ରବେଶ କରାଯାଉଛି।

ଅନୁଗୋଳ ଅଫିସ, ୨୭।୧

ଅନୁଗୋଳ ପଞ୍ଚମହଲାସ୍ଥିତ ଲକ୍ଷ୍ମୀ ଅଟୋ କମ୍ବାଇନଠାରେ ଆପେ ଇଲେକ୍ଟ୍ରିକ ତିନି ଚକିଆ ଯାନର ବଜାର ପ୍ରବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲକ୍ଷ୍ମୀଜୀ ଗ୍ରୁପ୍‌ର ଉପଦେଷ୍ଟା ରମେଶ ଚନ୍ଦ୍ର ଅଗ୍ରୱାଲା ଓ ଲକ୍ଷ୍ମୀଦେବୀ ଅଗ୍ରୱାଲା ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ଗ୍ରାହକ ଏବଂ ଅତିଥିମାନଙ୍କୁ ନୂଆ ଇଲେକ୍ଟ୍ରିକ ଗାଡି ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ଭାରତ ସରକାରଙ୍କ ସବ୍‌ସିଡି ଓ ବିନା ରେଜିଷ୍ଟ୍ରେଶନ ଫି ଯୋଗୁ ଏହି ଗାଡି ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେଉଛି। ଏଥିରେ ଗ୍ରାହକମାନେ ଲାଭବାନ ହୋଇପାରିବେ। ଗାଡିଟିକୁ ନିଜେ ଚାର୍ଜ କରି ବିନା ଡିଜେଲ ଓ ପେଟ୍ରୋଲରେ ଚଳାଇ ପାରିବେ। ଗାଡିର ମେଣ୍ଟେନାନ୍ସ ଚାର୍ଜ ମଧ୍ୟ ବହୁତ କମ୍। ଲକ୍ଷ୍ମୀ ଅଟୋ କମ୍ବାଇନ ଭବିଷ୍ୟତରେ ଉନ୍ନତମାନର ଇଲେକ୍ଟ୍ରିକ ଗାଡି ସହିତ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଅଗ୍ରୱାଲା ପ୍ରକାଶ କରିଥିଲେ। ସହରର ବହୁ ମାନ୍ୟଗଣ ବ୍ୟକ୍ତି ଓ ଗ୍ରାହକମାନଙ୍କ ଉପସ୍ଥିତିରେ ଏହି ବଜାର ପ୍ରବେଶ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ଲକ୍ଷ୍ମୀ ଅଟୋ କମ୍ବାଇନର ସମସ୍ତ କର୍ମଚାରୀ ଅତିଥି ଓ ଗ୍ରାହକଙ୍କୁ ଧନ୍ୟବାଦ ଦେଇଥିଲେ।

## ଜନବିକାଶ କଲ୍ୟାଣ ସଂଘର ଦାବିପତ୍ର

ତାଳଚେର, ୨୭।୧ (ନି.ପ୍ର.)

ତାଳଚେରକୁ ସ୍ୱତନ୍ତ୍ର ଜିଲା ଓ କଣିହାଁ ଅଞ୍ଚଳକୁ ଉପଖଣ୍ଡ ମାନ୍ୟତା ଦାବିରେ ତାଳଚେର ଜନବିକାଶ କଲ୍ୟାଣ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣିହାଁ ତହସିଲଦାର ପତିତପାବନ ଦେବତାଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଭୁପେନ ଥମ୍ବଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳବାସୀ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି, କଣିହାଁ ବ୍ଲକର ୨୭ ପଞ୍ଚାୟତର ୨୩୪ ଗ୍ରାମର ଲୋକେ ସମସ୍ୟା ନେଇ ଦୂରରେ ଥିବା ତାଳଚେର ଉପଖଣ୍ଡ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପହଞ୍ଚିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଠିକ୍ ଭାବେ ଲୋକଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ତେଣୁ ଜିଲା ମାନ୍ୟତା ପାଇଁ ତାଳଚେର ଓ ଉପଖଣ୍ଡ ନିମନ୍ତେ କଣିହାଁ ବ୍ଲକ ସମସ୍ତ ମାନଦଣ୍ଡ ରଖୁଥିବାରୁ ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ। ଏହି ଦାବିକୁ ଅଣଦେଖା କରାଗଲେ ଅଞ୍ଚଳବାସୀ ଆନ୍ଦୋଳନ ପନ୍ଥା ଆଦରି ନେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।


କଣିହାଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପତାକା ଉତ୍ତୋଳନ କଲେ ନାଲ୍‌କୋ ଇଡି

ବଣ୍ଟାଁରପାଳ, ୨୭।୧ (ଡି.ଏନ.ଏ.)


ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ ଜିଲା ନାଲ୍‌କୋର ସ୍ମେଲଟର ଓ ପାୱାର ପ୍ଲାଣ୍ଟ (ଏସ୍ ଆଣ୍ଡ ପି) କମ୍ପ୍ଲେକ୍ସଠାରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ନାଲ୍‌କୋ ନଗର ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଇଡି ଭୀମସେନ ପ୍ରଧାନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ନାଲ୍‌କୋ ସିଆଇଏସ୍‌ଏଫ୍ ଓ ଟାଉନଶିପ୍ ସୁରକ୍ଷା ବାହିନୀ ତଥା ଦିଲ୍ଲୀ ପବ୍ଲିକ ସ୍କୁଲ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ପରେଡ୍‌ରେ ଭାଗ ନେଇଥିଲେ। ଏହି ସମାରୋହରେ ଏସ୍ ଆଣ୍ଡ ପି କମ୍ପ୍ଲେକ୍ସର ସମସ୍ତ ଜିଜିଏମ୍, ୟୁନିୟନ କର୍ମକର୍ତ୍ତା, ଆସୋସିଏଶନ ସଦସ୍ୟ, କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ନାଲ୍‌କୋ ସିଏମ୍‌ଡିଙ୍କ ବାର୍ତ୍ତାକୁ ଡିଜିଏମ୍ ଏଚ୍‌ଆର୍‌ଡି ରାଜାରାମ ମିଶ୍ର ପଠନ କରିଥିଲେ। ବରିଷ୍ଠ ପ୍ରବନ୍ଧକ ଲଲାଟେନ୍ଦୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଜିଏମ୍ ମାନବ ସମ୍ବଳ ଓ ପ୍ରଶାସନ ମଣିପ୍ରସାଦ ସାମଲଙ୍କ ନେତୃତ୍ୱରେ ଏସ୍‌ଆଣ୍ଡପି ୱେଲଫେୟାର କମିଟିର ସଦସ୍ୟ ଓ ଅଫିସର, ସିଭିଲ, ପ୍ରଶାସନ, ଉଦ୍ୟାନ ଓ ଅନ୍ୟ ବିଭାଗ ଅଧିକାରୀ ସହଯୋଗ କରିଥିଲେ।

## ମହିମା ଗୋସାଇଁ ଏକ୍ସପ୍ରେସ୍‌ର ବିଧିବଦ୍ଧ ନାମକରଣ

କଣିହାଁ, ୨୭।୧ (ଡି.ଏନ.ଏ.)

ସମ୍ବଲପୁର-କୋଲକତା ସାଲିମାର ଏକ୍ସପ୍ରେସ୍ ବିଧିବଦ୍ଧ ଭାବେ ମହିମାଗୋସାଇଁ ଏକ୍ସପ୍ରେସ ଭାବେ ନାମିତ ହୋଇଛି। ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମାଜିକ ଗଣମାଧ୍ୟମରେ ଏହା ପ୍ରକାଶ କରିଛନ୍ତି। ଏ ଖବର ପ୍ରକାଶିତ ହେବା ପରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ କଣିହାଁ ବ୍ଲକ ଟାକୁଆସ୍ଥିତ ମହିମା ଆଶ୍ରମରେ କୁମର ବାବାଙ୍କୁ ଭେଟି ଅବଗତ କରାଇଛନ୍ତି। ଏ ଖବର ଶୁଣିବା ମାତ୍ରେ ମହିମା ସାଧୁ ସନ୍ଥମାନେ ଆନନ୍ଦିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣିହାଁ ମଣ୍ଡଳ ପ୍ରଭାରୀ ତଥା ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ, ବ୍ରାହ୍ମଣୀ ମଣ୍ଡଳ ସଭାପତି ତଥା ସରପଞ୍ଚ ନରେଶ ଚନ୍ଦ୍ର ବେହେରା, ମୁକୁନ୍ଦ ସାହୁ, ଅଙ୍ଗଦ ସାହୁ, ବିଜୁ ପ୍ରସାଦ ସାହୁ, ସତ୍ୟବାଦୀ ସେଠି, କୁଞ୍ଜ ବିହାରୀ ଡାକୁଆଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଏନ୍‌ଟିପିସି ଦ୍ରୁତଗତିରେ ଅଭିବୃଦ୍ଧି କରୁଛି

କଣିହାଁ, ୨୭।୧ (ଡି.ଏନ.ଏ.)

କଣିହାଁସ୍ଥିତ ଏନ୍‌ଟିପିସିଠାରେ ଗୁରୁବାର ୭୪ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏସ୍. ସୁନ୍ଦରାମ ଯୋଗଦେଇ ଆମ୍ବେଦକର ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ସମାବେଶକୁ ସମ୍ବୋଧିତ କରି ସୁନ୍ଦରାରାମ କହିଥିଲେ, ଏନ୍‌ଟିପିସିର ଅଭିବୃଦ୍ଧି ଦ୍ରୁତ ଗତିରେ ହେଉଛି। ଏଥିପାଇଁ ସେ ଜିଲା, ପୋଲିସ ପ୍ରଶାସନ, ଲୋକ ପ୍ରତିନିଧି, ସ୍ଥାନୀୟ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ (ପ୍ରୋଜେକ୍ଟ) ଆର.ଏନ. ଦାସ, ଜିଏମ୍ (ଅପରେଶନ) ଏ. ମୁରଲିକ୍ରିଷ୍ଣା, ଜିଏମ (ଏଡିଏମ) ସତ୍ୟ ରାମକୃଷ୍ଣ, ଏଜିଏମ୍ (ଏଚ୍‌ଆର୍) ବି.କେ. ପାଣ୍ଡେ, ବ୍ରିଜମୋହନ ସିଂ, ଡି କମାଣ୍ଡାଣ୍ଟ, ସିଏସ୍‌ଏଫ କଣିହାଁ ୱିଙ୍ଗ, ତନଭି ସଙ୍ଗମ ଲେଡିଜ କ୍ଲବର ସଦସ୍ୟ, ୟୁନିୟନ ଏବଂ ଆସୋସିଏଶନ, ଏଚ୍‌ଓଡି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ସୁନ୍ଦରାମ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଡାକ୍ତରଖାନା ପରିଦର୍ଶନ କରି ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।



ଏନ୍‌ଟିପିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରୁଛନ୍ତି।

## ସମସ୍ତଙ୍କୁ ସ୍ୱାବଲମ୍ବୀ ହେବାକୁ ପରାମର୍ଶ

### ଆଦର୍ଶ କଲେଜ, ସ୍କୁଲରେ ସାଧାରଣତନ୍ତ୍ର ଦିବସ

ଅନୁଗୋଳ ଅଫିସ, ୨୭।୧

ଅନୁଗୋଳ ପଞ୍ଚମହଲାସ୍ଥିତ ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆଦର୍ଶ ଶିକ୍ଷାନୁଷ୍ଠାନ ସମୂହ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆଦର୍ଶ ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ପ୍ରଫେସର ଭାଗ୍ୟରଥି ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପ୍ରକାଶ ଚନ୍ଦ୍ର ଧଳ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ସିଂ ଗଣତନ୍ତ୍ରର ମହନୀୟତାକୁ ଉପଲବ୍ଧ କରିବା ସହ ସମସ୍ତଙ୍କୁ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଫେସର ରଞ୍ଜିତ ଅମାନ୍ତ, ଜ୍ୟୋତିପ୍ରକାଶ ଦାସ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ କର୍ମଚାରୀ ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶକ ଡ. ଅବନୀକାନ୍ତ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଆଦର୍ଶ ବିହାରସ୍ଥିତ ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଡ. ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଧରଣୀଧର ନାଥ ପତାକା ଉତ୍ତୋଳନ କରିଥିଲେ। ସ୍କୁଲ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ସିବିଏ ଅଧିକାରୀ ଶିକ୍ଷକ ଘନଶ୍ୟାମ ପାଳ ଓ ରୀନା ସେନ୍ ପରିଚାଳନା କରିଥିଲେ।



## କର୍ମଚାରୀ, ଗ୍ରାମବାସୀଙ୍କୁ ଉଚ୍ଚ ପ୍ରଶଂସା

### ଜେଏସ୍‌ପିରେ ସାଧାରଣତନ୍ତ୍ର ଦିବସ

ଅନୁଗୋଳ ଅଫିସ, ୨୭।୧

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ଅନୁଗୋଳଠାରେ ସ୍ଥାପିତ ସର୍ବବୃହତ୍ ଷ୍ଟିଲ ପ୍ଲାଣ୍ଟ ପରିସରରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଜିନ୍ଦଲ ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜେଏସ୍‌ପି ଅଧ୍ୟକ୍ଷ ପତାକା ଉତ୍ତୋଳନ ସହ ଉପସ୍ଥିତ ସମସ୍ତ କର୍ମଚାରୀ ଓ ଗ୍ରାମବାସୀଙ୍କୁ ସେମାନଙ୍କ ବହୁମୂଲ୍ୟ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଜେଏସ୍‌ପିକୁ ଦେଶର ଅଗ୍ରଣୀ ଶିଳ୍ପୋଦ୍ୟୋଗ ଭାବେ ଗଢି ତୋଳିବାରେ ସେମାନଙ୍କ ଅବଦାନ ନିଶ୍ଚିତ ପ୍ରଶଂସନୀୟ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏହି ସମାରୋହରେ ଓପି ଜିନ୍ଦଲ ସ୍କୁଲ, ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ ଏବଂ ଆଶା-ଦି ହୋପ୍ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗଦେଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କରୋନା କାଳରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେଜଣ କୋଭିଡ ଯୋଦ୍ଧାଙ୍କୁ ଅଧ୍ୟକ୍ଷ ଜିନ୍ଦଲ ପୁରସ୍କୃତ କରିଥିଲେ। ଏହି ସମାରୋହରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା, ସିଇଓ ଦୀନେଶ କୁମାର ସରୋଗୀ, ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ମାନବସମ୍ବଳ ବିଭାଗ ଭିପି ରବି ଶଙ୍କର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।


କାର୍ଯ୍ୟକ୍ରମ ଅବସରରେ ଜେଏସ୍‌ପି ଅଧ୍ୟକ୍ଷଙ୍କ ସହ ଅନ୍ୟମାନେ।

